# ସ୍ୱେଚ୍ଛାଚାରୀ ବ୍ୟକ୍ତିଙ୍କ ଉଦ୍ଭବ

ତା.୦୮.୦୩.୨୦୧୪

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ନିର୍ବାଚନ ସମୟ ଆସିଯାଇଛି ଓ ସମସ୍ତ ରାଜନୈତିକ ଦଳ ନିଜ ନିଜର ପ୍ରଚାରକାର୍ଯ୍ୟ ମାଧ୍ୟମରେ ବିରୋଧ, ଆନ୍ଦୋଳନ, ଗଠବନ୍ଧନ, ପ୍ରାର୍ଥୀ ଚୟନ ଆଦି କରିବାରେ ଓ ଗଣ ମାଧ୍ୟମକୁ ଦେବାପାଇଁ ବା ପ୍ରକାଶ କରିବାକୁ ଉପାଦାନ ସଂଗ୍ରହ କରିବାରେ ବ୍ୟସ୍ତ । ବହୁ କ୍ରୀଡ଼ାବିତ୍ତ, ଚଳଚ୍ଚିତ୍ର ତାରକା ଏବଂ ବହୁ ବୁଦ୍ଧିଜୀବୀ ବ୍ୟକ୍ତିମାନେ ମଧ୍ୟ ନିର୍ବାଚନ ମହାସମରରେ ଯୋଗ ଦେଇଛନ୍ତି । ଯେଣୁ ସ୍ୱେଚ୍ଛାଚାରୀ (ମ୍ୟାଭେରିକ) ବ୍ୟକ୍ତି ମାନଙ୍କ ପାଇଁ କୌଣସି ନୀତି ନିୟମର ପରିସର ନଥାଏ ତେଣୁ ସେମାନେ ଉକ୍ତ ସମୟରେ ନିଜ ଜ୍ଞାନ କୌଶଳ ଓ ବାକ୍‌ଚାତୁରୀ ବଳରେ ଜନତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସମର୍ଥ ହୋଇଥାଆନ୍ତି । ବିଶେଷ କରି ଇଲେକ୍ଟ୍ରୋନିକ୍ସ ମାଧ୍ୟମ ଆଗରେ ସେମାନେ ନାନାଦି ଚିତ୍ରିତ କରି ନିଜ ମନ୍ତବ୍ୟକୁ ଉପସ୍ଥାପନ କରିଥାଆନ୍ତି । ଟ୍ୱିଟର ଭଳି ସାମାଜିକ ମାଧ୍ୟମ ଏପରି ବ୍ୟକ୍ତିଙ୍କର ମନ୍ତବ୍ୟରେ ପରିପୂର୍ଣ୍ଣ ।

ମ୍ୟାଭେରିକ ଶବ୍ଦ ପ୍ରକୃତରେ ୧୯ ଶତକରେ ଦକ୍ଷିଣ କାରୋଲିନାର ଜଣେ ଆଇନ ପ୍ରଣେତା ସାମୁଏଲ ଅଗଷ୍ଟା ମ୍ୟାଭେରିକଙ୍କ ପାଖରୁ ଆସିଅଛି । ସେ ନିଜ ପିତାଙ୍କ ବ୍ୟବସାୟରୁ ନିଜ କର୍ମ କ୍ଷେତ୍ରର ଆରମ୍ଭ କରିଥିଲେ ଓ ପରେ ଆଇନ ଅଧ୍ୟୟନ କରି ଏକ ଆଇନ କାର୍ଯ୍ୟାଳୟ ପ୍ରତିଷ୍ଠା କରିଥିଲେ । ଟେକ୍ସାସରେ ହୋଇଥିବା ଆନ୍ଦୋଳନ ସମୟରେ ସେ ଗିରଫ ହୋଇଥିଲେ ଓ ସେ ମଧ୍ୟ ଟେକ୍ସାସର ମେୟର ପଦବୀରେ ଥିଲେ । ତାଙ୍କ ପାଖରେ ଏକ ଛୋଟ ଗୋରୁପଲ ଥିଲା । ଯାହାକୁ ସେ ଚାରଣ ପାଇଁ ମୁକ୍ତ ଛାଡ଼ି ଦେଉଥିଲେ । ସେଥିରୁ ଗୋଟିଏ ବିନା ଚିହ୍ନଟ କରାଯାଇଥିବା ବାଛୁରି ପାଇଁ ହିଁ ମ୍ୟାଭେରିକ ଶବ୍ଦ ପ୍ରୟୋଗ କରାଯାଉଥିଲା ।

ବହୁ ସ୍ୱେଚ୍ଛାଚାରୀ ବ୍ୟକ୍ତି ଆଜି ରାଜନୀତିରେ ଯୋଗଦାନ କରି ପରିବର୍ତ୍ତୀ କାଳରେ ସେମାନେ ନିଜକୁ ଖାପ ଖୁଆଇ ପାରନ୍ତିନି । ସେଥିରୁ କିଛି ବ୍ୟକ୍ତି ସ୍ୱତନ୍ତ୍ର ରାଜନୈତିକ ଦଳ ଗଠନ କଲେ ମଧ୍ୟ ତାଙ୍କ ବିଚାର ଧାରା ଆଦୌ ସଠିକ ନୁହେଁ । ସେମାନେ କେବଳ ଲୋକପ୍ରିୟତା

ହାସଲ କରିବାକୁ ହିଁ କିଛି ଅବାନ୍ତର ଯୁକ୍ତି ଉପସ୍ଥାପନା କରିଥାଆନ୍ତି ଓ ବିନା ଆଧାରରେ ହିଁ ଅନ୍ୟକୁ ଦୋଷାରୋପ କରିଥାଆନ୍ତି । ହେଲେ କିଛି ମର୍ଯ୍ୟଦା ସମ୍ପର୍ଣ୍ଣ ବ୍ୟକ୍ତି ନିଜ ମର୍ଯ୍ୟଦା ରକ୍ଷା କରିବାକୁ ଯାଇ ସେମାନଙ୍କ ସହ ଆଦୌ ଯୁକ୍ତି କରିନଥାଆନ୍ତି । କାରଣ ସେମାନଙ୍କ ଅବାନ୍ତର ପ୍ରଶ୍ନର ଉତ୍ତର ଦେବାରେ ସମୟର ଅପବ୍ୟୟ ହିଁ ହୋଇଥାଏ । ଯେତେବେଳେ ସେମାନେ ଆମ ଘରକୁ ଭାଙ୍ଗିବାକୁ ଉଦ୍ୟମ ରତ ସେତେବେଳେ ଆମେ କିପରି ସାକ୍ଷାତ କରି ତାଙ୍କୁ ଉକ୍ତ ସୁଯୋଗ ଦେବା ? ତାଙ୍କୁ ପ୍ରାଧାନ୍ୟତା ଦେଇ ଆମେ ନିଜର ଯୋଜନାବଦ୍ଧ କର୍ମରୁ ହଟିବା ନା ତାଙ୍କୁ ଅଣଦେଖା କରି ନିଜ ପୂର୍ବ କର୍ମ ପଥରେ ଅଗ୍ରସର ହେବ । ବାସ୍ତବରେ କେଉଁଟି ଶ୍ରେୟ ? ମୌନତା ପ୍ରଦର୍ଶନ ହିଁ ଏପରି ବ୍ୟକ୍ତିଙ୍କ ପାଖରେ ବିରାଟ ଅସ୍ତ୍ର ସଦୃଶ । କେବଳ ମୌନତା ଦ୍ୱାରା ହିଁ ଅଧିକ ଦ୍ୱନ୍ଦ୍ୱ ବିବାଦରୁ ବର୍ତ୍ତି ପାରିବା । ସେଥିପାଇଁ ହିଁ ନରେନ୍ଦ୍ର ମୋଦି, ଅରବିନ୍ଦ କେଜ୍ରିୱାଲଙ୍କୁ ସାକ୍ଷାତ କରିବାକୁ ମନା କରିଥିଲେ ।